# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

## ଯୀଶୁ ତୋଫାନୀ ସମୁଦ୍ରକୁ ସୁସ୍ଥିର କଲେ



ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯୀଶୁ ଓ ତାଙ୍କର ଶିଶ୍ୟମାନେ ଏକ
ନୌକାରେ ଥିଲେ ଯେତେବେଳେ
ସେଠାରେ ପ୍ରବଳ ତୋଫାନ
ହେଲା । ତୋଫାନରେ ଗଲୀଲି
ସମୁଦ୍ର ମାରାତ୍ମକ ହୋଇଗଲା ।
ଏପ୍ରକାର ତୋଫାନ ଯୋଗୁଁ
ଜାହାଜ ଭାଙ୍ଗିଯାଏ ଓ
ଲୋକମାନେ ବୁଡ଼ିଯାନ୍ତି ।

ତୋପାନ ଯୋଗୁଁ ଶିଶ୍ୟମାନେ ଭୟ ପାଇଗଲେ । ତରଙ୍ଗରେ ନୌକାଟି ଆଛାଦିତ ହେବାକୁ ଲାଗିଲା, ମାତ୍ର ସେ ତକିଆ ଉପରେ ଶୟନ କରିଥିଲେ, ତୋଫାନ ସମୟରେ ଶୟନ କରିଥିଲେ । ଶିଶ୍ୟମାନେ ତାଙ୍କୁ ଉଠାଇ କହିଲେ, ହେ ଗୁରୁ, ହେ ଗୁରୁ, ରକ୍ଷା କରନ୍ତୁ, ଆମ୍ଭେ ମଲୁ ।



ଯୀଶୁ ସେମାନଙ୍କୁ କହିଲେ, ହେ ଅଳ୍ପବିଶ୍ୱାସିମାନେ, ତୁମ୍ଭେମାନେ କାହିଁକି ଏଡ଼େ ଭିରୁ? ସେ ଉଠି ପବନ ଓ ସମୁଦ୍ରକୁ ଧମକ ଦେଲେ, ଆଉ ସବୁ ଧିରସ୍ଥିର ହେଲା ।



ପବନ ଧିରସ୍ଥିର ହେଲା... ସମୁଦ୍ର ଶାନ୍ତ ଓ ସ୍ଥିର ହେଲା । ଶିଶ୍ୟମାନେ ଚମତ୍କୃତହୋଇ କହିଲେ, ଏ କିଏ? ଯେ ପବନ ଓ ସମୁଦ୍ର ଉଭୟ ଏହାଙ୍କ ଆଜ୍ଞା ମାନନ୍ତି ।





କେତେ ସମୟ ପରେ, ଯୀଶୁ ବହୁତ ବ୍ୟସ୍ତ ହୋଇଗଲେ । କାରଣ ପାଞ୍ଚ ହଜାରରୁ ଅଧିକ ଲୋକ ତାଙ୍କ ପଛେ ପଛେ ମରୁଭୂମି ପର୍ଯ୍ୟନ୍ତ ପଳାଇଗଲେ । ପ୍ରଭୁଙ୍କ ଶକ୍ତିଦ୍ୱାରା, ଯୀଶୁ କେବଳ ଜଣେ ଛୋଟ ପିଲାର ମଧ୍ୟାହ୍ନ ଭୋଜନ ଦ୍ୱାରା ସେସମସ୍ତଙ୍କୁ ଭୋଜନ କରାଇଲେ । ସଂଧ୍ୟ ହେବାରୁ ଯୀଶୁ ସେ ସମସ୍ତଙ୍କୁ ବିଦାୟ ଦେଲେ ।

ଏପରିକି ତାଙ୍କ ଶିଶ୍ୟମାନଙ୍କୁ ମଧ୍ୟ ଯିବାକୁ ପଡ଼ିଲା । ଯୀଶୁ ସେମାନଙ୍କୁ ନୌକାରେ ଚଢ଼ି ନିଜ ଆଗରୁ ଗାଲୀଲି ପାର ହୋଇ ଆରପାରିକୁ ଯିବାକୁ କହିଲେ ।





ଯେତେବେଳେ

ସେ ସମସ୍ତଙ୍କୁ ବିଦାୟ

କଲେ, ଯୀଶୁ ନିଜେ ପର୍ବତ

ଉପରକୁ ପ୍ରାର୍ଥନା କରିବାକୁ

ଗଲେ । ସଂନ୍ଧ୍ୟାହେଲା

ପରେ ସେଠାରେ ସେ

ଏକାକୀ ଥିଲେ ।



କିନ୍ତୁ ନୌକା ସେତେବେଳେ କୁଳରୁ ଅନେକ
ଦୂରରେ ଥିଲା ଏବଂ ପ୍ରତିକୁଳ ବାୟୁ
ହେତୁ ତାହା ଲହଡ଼ିରେ ଟଳମଳ
ହେଉଥିଲା । ବହୁ ସମୟ ଚେଷ୍ଟାପରେ
ମଧ୍ୟ ସେମାନେ ସେପାରିକୁ
ଯାଇପାରିଲେ ନାହିଁ ।
ଶିଶ୍ୟମାନେ ଏ ବିଷୟରେ
କିଛି ଜାଣି
ପାରିଲେ ନାହିଁ,
ସେମାନେ ବଡ଼
ଆଶ୍ଚର୍ଯ୍ୟ ପାଇଁ
ଯାଉଥିଲେ ।



କିନ୍ତୁ ରାତ୍ରୀର ଚ଼ତୁର୍ଥ ପ୍ରହରରେ
ପ୍ରାୟ ସକାଳ ତିନୀଟାରୁ ଚ଼ାରିଟା
ମଧ୍ୟରେ, ବୟୁରେ ନୌକା
ଟଳମଳ ହେବା ସମୟରେ
ସମୁଦ୍ରରେ ଶିଶ୍ୟମାନେ କିଛି
ଦେଖିଲେ, ଯାହା ସେମାନଙ୍କୁ
ଭୟଭିତ କରିଦେଲା । ଏହା ଏକ
ଭୁତ ସେମାନେ ଚ଼ିତ୍କାର କଲେ ।
କିନ୍ତୁ ସେ ଯୀଶୁ ଥିଲେ,
ସେମାନଙ୍କର ପ୍ରଭୁ ଓ ଗୁରୁ,
ପାଣି ଉପରେ ଚ଼ାଲି  ସେମାନଙ୍କ
ପାଖକୁ ଆସୁଥିଲେ ।

ଯୀଶୁ ସେମାନଙ୍କୁ କହିଲେ

ଉତ୍ତମରେ ଜୟଜୟକାର କର ।

ଏ ତ ମୁଁ ଭୟ କରନାହିଁ ।

ପିତର ତାଙ୍କୁ ଉତ୍ତର ଦେଲେ,

ହେ ପ୍ରଭୁ, ଯେବେ ଆପଣ

ତେବେ ଜଳ ଉପରେ ଆପଣଙ୍କ

ନିକଟକୁ ଯିବା ପାଇଁ ମୋତେ

ଆଜ୍ଞା କରନ୍ତୁ । ଯୀଶୁ କହିଲେ,

ଆସ । ପିତର ନୌକାରୁ ଓହ୍ଲାଇ

ଜଳ ଉପରେ ଚାଲି ଯୀଶୁଙ୍କ

ନିକଟକୁ ଗଲେ ।





କିନ୍ତୁ ସେ ପବନର
ଭୟାବହତା ଦେଖି ଭୟ
କଲେ, ଓ ବୁଡ଼ିବାକୁ
ଲାଗିଲେ । ସେ ଚିତ୍କାର କରି
ଯୀଶୁଙ୍କୁ ଡାକିଲେ, ହେ ପ୍ରଭୁ
ମୋତେ ରକ୍ଷା କରନ୍ତୁ ।

ସଂଙ୍ଗେ ସଂଙ୍ଗେ ଯୀଶୁ ହାତ ବଢ଼ାଇ ପିତରଙ୍କୁ ଧରିଲେ ।
ଯୀଶୁ ତାହାଙ୍କୁ କହିଲେ ହେ ଅଳ୍ପବିଶ୍ୱାସି, କାହିଁକି
ସଂଦେହ କଲ? ଯେତେବେଳେ ପିତର ଓ ଯୀଶୁ
ନୌକାରେ ଚଢ଼ନ୍ତେ, ପବନ ବନ୍ଦ ହେଲା ।





ସେଥିରେ ନୌକାରେ ଥିବା ଲୋକମେନେ ତାହାଙ୍କୁ ପ୍ରଣାମ କରି କହିଲେ, ଆପଣ ନିଷ୍ଚୟ ଈଶ୍ୱରଙ୍କ ପୁତ୍ର ।

ଯୀଶୁ ତୋଫାନୀ ସମୁଦ୍ରକୁ ସୁସ୍ଥିର କଲେ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାଥିଉ ୮, ମାଥିଉ ୧୪, ମାର୍କ ୪, ଲୂକ ୮

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

# ସମାପ୍ତି

48

60

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬